# ଏନକୋର କାର୍ଯ୍ୟକ୍ରମ : ପରିବେଶ ଓ ସାମାଜିକ ପରିଚାଳନାର ଢାଞ୍ଚା

*କାର୍ଯ୍ୟକ୍ରମର ସାରାଂଶ*

## ୧. ପରିଯୋଜନାର ଅବଲୋକନ

ଏନକୋର କାର୍ଯ୍ୟକ୍ରମ ଆଠ ବର୍ଷର ଏକ ସର୍ବବିଧ ବିକାଶ ପ୍ରକ୍ରିୟାର ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କାର୍ଯ୍ୟ ପ୍ରଣାଳୀ (ମଲଟି ଫେଜ୍ ପ୍ରୋଗ୍ରାମେଟିକ୍ ଅପରେଶନ୍) ବା ଏମ୍.ପି. ଏ ରୂପରେ ପ୍ରସ୍ତାବ କରାଯାଇଅଛି।

ନିମ୍ନଲିଖିତ ପଦକ୍ଷେପ ମାଧ୍ୟମରେ ଭାରତର ସମସ୍ତ ଉପକୂଳ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ପରିଚାଳନାକୁ ମଜବୁତ୍ କରିବା ଏମ୍. ପି. ଏ. ର ଲକ୍ଷ।

**ପଦକ୍ଷେପ ୧ :** ବିକେନ୍ଦ୍ରିତ ଉପକୂଳ ଅଞ୍ଚଳର ପରିଚାଳନାର କ୍ଷମତାକୁ ଉନ୍ନତ କରିବା।

**ପଦକ୍ଷେପ ୨ :** ଉପକୂଳ ଅଞ୍ଚଳରେ ଉନ୍ନତ ସଂରକ୍ଷଣ କରିବା ତଥା ପ୍ରଦୂଷଣ କୁ କମ୍ କରିବା।

**ପଦକ୍ଷେପ ୩ :** ଯୋଜନାର ପରିଚାଳନା, ଯାଞ୍ଚ ଓ ମୂଲ୍ୟାଙ୍କନ।

ପ୍ରଥମ ପର୍ଯ୍ୟାୟରେ, ଏହି ପ୍ରକଳ୍ପ କାର୍ଯ୍ୟକ୍ରମ ଉପକୂଳ ଭାରତର ଆଠୋଟି ରାଜ୍ୟ ଓ ତିନୋଟି କେନ୍ଦ୍ର ଶାସିତ ଅଞ୍ଚଳ ଲାଗୁ କରାଯିବ। ଏଥିରେ ଉପକୂଳ ପରିଚାଳନା ଯୋଜନା ତିଆରି କରିବା ଓ ପ୍ରଦୂଷଣ କୁ ନିୟନ୍ତ୍ରଣ କରିବା, ଉପକୂଳ ଅଞ୍ଚଳର ସଂରକ୍ଷଣ ଏବଂ ଜୀବିକା ସମ୍ବନ୍ଧୀୟ ପରିଯୋଜନା ସାମିଲ ଅଛି। ଏଥିପାଇଁ ଏହି କାର୍ଯ୍ୟକ୍ରମକୁ ବିଶ୍ୱ ବ୍ୟାଙ୍କର ନିବେଶ ପରିଯୋଜନା ବିତ୍ତପୋଷଣ (ଆଇ.ପି.ଏଫ୍) ଅଧିନରେ କାର୍ଯ୍ୟାନ୍ୱିତ କରାଯିବାର ବନ୍ଦୋବସ୍ତ କରାଯାଇଛି। ତଦ୍ୱାରା ଏଥିରେ ଥିବା ବିତ୍ତୀୟ ସୁରକ୍ଷା ନୀତି ବର୍ତ୍ତମାନ କ୍ଷେତ୍ରରେ ଲାଗୁ ହେବ।

## ୨. ପରିବେଶ ଓ ସାମାଜିକ ବିଷୟବସ୍ତୁ

ଏହି ପରିଯୋଜନା ଦ୍ୱାରା ସକାରାତ୍ମକ ପ୍ରଭାବ ପଡ଼ିବ। ଏଥିରେ ସମୁଦ୍ର ଓ ଉପକୂଳ ଅଞ୍ଚଳର ସଂରକ୍ଷଣ, ପ୍ରଦୁଷଣକୁ ରୋକିବା, ଉପକୂଳ ସଂସାଧନର ପ୍ରଭାବୀ ଉପଯୋଗ ଏବଂ ସ୍ଥାୟୀ ଉପକୂଳ ଅଞ୍ଚଳରେ ଜୀବିକାକୁ ପ୍ରୋତ୍ସାହନ ଦେବା ସାମିଲ ଅଟେ। ଏହି ପରିଯୋଜନାରେ ପ୍ରଥମେ ସମନ୍ୱିତ ଉପକୂଳ ପରିଚାଳନା (ଆଇ.ସି.ଜେଡ.ଏମ୍.) ଯୋଜନା ପ୍ରସ୍ତୁତ କରାଯିବ ଏବଂ ତାପରେ ଆଉ ସବୁ ପରିଯୋଜନା ଉପକୂଳ ଆବଶ୍ୟକତା ଉପରେ ଆଧାରିତ ହେବ ଓ ସୁରକ୍ଷା ସୁନିଶ୍ଚିତ କରାଯିବ। ତେଣୁ ଏହି ପରିଯୋଜନା ଦ୍ୱାରା କୌଣସି ବଡ଼ ଆକାରର, ମହତ୍ୱପୁର୍ଣ୍ଣ କିମ୍ବା ଅପରିବର୍ତ୍ତିତ ବା ପ୍ରତିକୂଳ ପ୍ରଭାବ ପରିବେଶ ଉପରେ କିମ୍ବା ସାମାଜିକ ସ୍ତରରେ ପଡ଼ିବ ନାହିଁ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଛୋଟ ନିର୍ମାଣ କାର୍ଯ୍ୟଗୁଡ଼ିକ ହେତୁ ନିମ୍ନରୁ ମଧ୍ୟମ ମାତ୍ରାରେ ନକାରାତ୍ମକ ପ୍ରଭାବ ପଡ଼ିପାରେ।

ଏହି ପରିଯୋଜନା ମାଧ୍ୟମରେ କୌଣସି ବ୍ୟକ୍ତିଗତ ଜମି ଅଧିଗ୍ରହଣର ପରିକଳ୍ପନା କରାଯାଇ ନାହିଁ। ହେନ୍ତାଳ ବୃକ୍ଷରୋପଣ ଏବଂ ଛୋଟ ନିର୍ମାଣ କାର୍ଯ୍ୟ ସର୍ବସାଧାରଣଙ୍କ ଜମିରେ କରାଯିବ। ଶ୍ରଦ୍ଧାପୂର୍ଣ୍ଣ ଯୋଜନା ଦ୍ୱାରା ପରିଯୋଜନାର ଗୁଣ ସମସ୍ତଙ୍କ ପାଖରେ ପହଞ୍ଚିବା ବହୁତ ଜରୁରୀ ଅଟେ। ପରିଯୋଜନାରେ ବହୁ ସଂଖ୍ୟାରେ ବସବାସ କରୁଥିବା ଶ୍ରମିକଙ୍କର ଉଚ୍ଛେଦ ହେବ ନାହିଁ। ପରିଯୋଜନା ଦ୍ୱାରା ଏହି ସମୁଦାୟକୁ ଲାଭ ମିଳିବ।

**୩. ପରିବେଶ ଓ ସାମାଜିକ ପରିଚାଳନା ଢାଞ୍ଚା:**

ଭାରତ ସରକାରଙ୍କର ପରିବେଶ ଓ ସାମାଜିକ ନିୟମ ଓ ବିଶ୍ୱ ବ୍ୟାଙ୍କ ର ସୁରକ୍ଷା ନୀତିକୁ ଅନୁପାଳନ କରିବା ପାଇଁ ପରିବେଶ ଓ ସାମାଜିକ ପରିଚାଳନା ଢାଞ୍ଚାକୁ ସୋସାଇଟି ଅଫ୍ କୋଷ୍ଟାଲ ମ୍ୟାନେଜମେଣ୍ଟ ଉଲ୍ଲେଖ କରିଅଛି। ଏହା କ୍ଷେତ୍ର ପରିଦର୍ଶନ, ହିତାଧିକାରୀଙ୍କ ପରାମର୍ଶ ଏବଂ ଉପଲବ୍ଧ ମାଧ୍ୟମିକ ପରିସଂଖ୍ୟାନର ସମୀକ୍ଷା ର ଆଧାର ରେ ତିଆରି କରାଯାଇ ଅଛି। ଏହା ଭାରତ ସରକାରଙ୍କର ପରିବେଶ ନିୟମ ଓ ବିଶ୍ୱ ବ୍ୟାଙ୍କର ପରିବେଶ ନିୟମ ସହିତ ପରିଯୋଜନାର ଗତିବିଧି ଗୁଡ଼ିକୁ ଅନୁପାଳନ ସୁନିଶ୍ଚିତ କରାଇବାପାଇଁ ଜରୁରୀ ଅଟେ।

ଇ.ଏସ୍.ଏମ୍.ଏଫ୍ ପରିଯୋଜନା ରାଜ୍ୟର ପରିବେଶୀୟ ଓ ସାମାଜିକ ପରିସ୍ଥିତିର ବିଶ୍ଳେଷଣ କରୁଅଛି ଏବଂ ନିମ୍ନଲିଖିତ ପ୍ରକ୍ରିୟାକୁ ପ୍ରସ୍ତୁତ କରୁଅଛି। (i) ଉପ-ପରିଯୋଜନା ପାଇଁ ସ୍କ୍ରିନିଙ୍ଗ ଚେକ୍‌ଲିଷ୍ଟ (ii) ସମ୍ଭାବ୍ୟ ପ୍ରଭାବ ପାଇଁ ସାଧାରଣ ଉପାୟ (iii) ଯଦି ଆବଶ୍ୟକ ହୁଏ ତେବେ ପରିଯୋଜନା ପାଇଁ ଉପକରଣ ବିକାଶ କରିବାର ପ୍ରକ୍ରିୟା (iv) କାର୍ଯ୍ୟ ପ୍ରଣାଳୀର ପଦ୍ଧତି ଏବଂ (v) ଯାଞ୍ଚ ପ୍ରକ୍ରିୟା ।

**୪. ପରିବେଶ ଓ ସାମାଜିକ ବିଧିବ୍ୟବସ୍ଥାର ଢାଞ୍ଚା**

ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ପରିବେଶ ସମ୍ପର୍କୀତ ନୀତିନିୟମ ତଥା ବିଶ୍ୱ ବ୍ୟାଙ୍କ ର ପରିଚାଳନା ସମ୍ବନ୍ଧୀୟ ନୀତି ଏଠାରେ ଲାଗୁ ହେବ। ଭାରତ ସରକାରଙ୍କର ଉପକୂଳ ନିୟମ କ୍ଷେତ୍ର ଅଧିସୂଚନା ୨୦୧୯, ପରିବେଶ (ସଂରକ୍ଷଣ) ଅଧିନିୟମ ୧୯୮୬, ଜଳ (ପ୍ରଦୂଷଣ ନିୟନ୍ତ୍ରଣ ଓ ନିରାକରଣ) ଅଧିନିୟମ ୧୯୭୪, ବନ (ସଂରକ୍ଷଣ) ଅଧିନିୟମ ୧୯୮୦, ବାୟୁ (ପ୍ରଦୂଷଣ ନିୟନ୍ତ୍ରଣ ଓ ନିରାକରଣ) ଅଧିନିୟମ ୧୯୮୧, ଇତ୍ୟାଦି ଅନେକ ନିୟମ ଲାଗୁ ହେବ। ବିଶ୍ୱ ବ୍ୟାଙ୍କର ଓପି/ବିପ ୪.୦୧, ୪.୦୪, ୪.୦୯, ୪.୩୬ ଓ ୪.୧୧ ଇତ୍ୟାଦି ପରିବେଶ ସମ୍ବନ୍ଧିତ ନିୟମ ମଧ୍ୟ ଲାଗୁ ହେବ। ବର୍ତ୍ତମାନ ରାଷ୍ଟୀୟ ଓ ରାଜ୍ୟସ୍ତରୀୟ ସାମାଜିକ ନିୟମ ଅଛି ଯଥା: ଆର୍.ଟି.ଏଫ୍.ସି.ଟି.ଏଲ୍.ଆର୍.ଆର ୨୦୧୩; ଭୂମି ଅଧିଗ୍ରହଣ ଉପରେ ରାଜ୍ୟସ୍ତରୀୟ କାର୍ଯ୍ୟ /ନୀତି /ନିୟମ; ଅନୁସୂଚିତ ଜନଜାତି ଓ ଅନ୍ୟ ପାରମ୍ପରିକ ବନ ନିବାସୀ (ବନ ଅଧିକାରୀଙ୍କର ପରିଚୟ) ଅଧିନିୟମ ୨୦୦୬: ସୂଚନା ଓ ଅଧିକାର ଅଧିନିୟମ ୨୦୦୫ ଓ ବିଶ୍ୱ ବ୍ୟାଙ୍କ ପରିଚାଳନା ନୀତି ଓପି ୪.୧୨ ଅନୋପଚାରିକ ପୂର୍ଣ୍ଣବାସ ଉପରେ, ୪.୧୦ ଜନସୂଚନା ଓ ଉନ୍ମୋଚନ କରିବା ନୀତି।

ବିଶ୍ୱ ବ୍ୟାଙ୍କର ଓପି ୪.୦୧ ର ଅନୁସାରେ ଏନ୍‌କୋର ପରିଯୋଜନାର ମହତ୍ତ୍ୱପୂର୍ଣ୍ଣ ପରିବେଶ ପ୍ରଭାବ ହେବାର ସମ୍ଭାବନା ଅଛି ଏବଂ ଏଥିପାଇଁ ପରିଯୋଜନା "ଏ" ଶ୍ରେଣୀରେ ଆସୁଅଛି।

## ୫. ପରିବେଶ ସ୍କିନିଙ୍ଗ ଓ ଉପ-ପରିଯୋଜନା ର ବର୍ଗୀକରଣ

ପରିଯୋଜନାର ସ୍ଥାନ ଓ ପରିଯୋଜନାର ଗତିବିଧିର ଆଧାରରେ ଗ୍ରାମାଞ୍ଚଳରେ ଓ ସହର ଚର୍ତୁପାର୍ଶ୍ୱରେ ପରିବେଶ ଉପରେ ଅଲଗା ଅଲଗା ପ୍ରଭାବ ହୋଇଥାଏ। ପ୍ରଭାବର ଗମ୍ଭୀରତାକୁ ଆଧାର କରି ଉପ-ପରିଯୋଜନାର ଇ ଏ ଇ ବି ଏବଂ ଇ ସି ବର୍ଗୀକରଣ କରାଯାଇପାରିବ। ଇ ଏ ପରିଯୋଜନା ଦ୍ୱାରା ମହତ୍ୱପୂର୍ଣ୍ଣ ପରିବେଶ ପ୍ରଭାବ ହେବାର ଆଶା ଓ ଏକ ସ୍ୱତନ୍ତ୍ର ଏଜେନ୍‌ସି ଦ୍ୱାରା ପରିବେଶ ଆକଳନର ଆବଶ୍ୟକତା ଅଛି। ଡି ପି ଆର୍ ରେ ପରିବେଶ ସମ୍ପର୍କିତ ମୂଲ୍ୟାଙ୍କନ ଗୋଟିଏ ସ୍ୱତନ୍ତ୍ର ଏଜେନ୍‌ସି ଦ୍ୱାରା ଏହାର ସମୀକ୍ଷା ହେବା ଜରୁରୀ ଅଟେ। ଇ ବି ପରିଯୋଜନା ଗୁଡ଼ିକର ମଧ୍ୟମ ପ୍ରଭାବର ଆଶା ଓ ଡି ପି ଆର୍ ର ରୂପରେ ପରିବେଶ ଜନିତ ମୂଲ୍ୟାଙ୍କନର ପ୍ରସ୍ତୁତି ଆବଶ୍ୟକତା ଅଟେ ଓ ଏହି ପରିଯୋଜନା ଦ୍ୱାରା ଅତି କମରେ ପରିବେଶ ଜନିତ ପ୍ରଭାବ ହେବାର ଆକଳନ କେବଳ ଗୋଷ୍ଠୀଗତ ପରିବେଶ ପରିଚାଳନା ଯୋଜନା (ଇ.ଏମ୍.ପି) ତିଆରିର ଆବଶ୍ୟକତା ଦରକାର। ପରିବେଶୀୟ ପରିଚାଳନା ଯୋଜନା, ଇ.ଏସ୍.ଏମ୍.ଏଫ ନାମକ ଏକ ସ୍ଥାୟୀ ଆକୃତିର ବିବରଣୀ ରୂପେ ପ୍ରସ୍ତୁତ କରାଯାଇଅଛି। ଯେକୌଣସି ମହତ୍ତ୍ୱପୂର୍ଣ୍ଣ ସ୍ମାରକୀର ନିକଟରୁ ୩୦୦ ମିଟର ଦୂରତା ମଧ୍ୟରେ ପରିଯୋଜନାର ଗତିବିଧିର ଅନୁମତି ଦିଆଯିବ ନାହିଁ, ତେଣୁ ଯେକୌଣସି (ପ୍ରତିବନ୍ଧିତ ଛଡ଼ା) ସମ୍ପତ୍ତି ପାଇଁ ଶାରୀରିକ, ଭୌତିକ, ସାଂସ୍କୃତିକ ପ୍ରବନ୍ଧନ ଯୋଜନା (ପି.ସି.ଆର୍.ଏମ୍.ପି) ଅଧିନରେ ବିକଶିତ କରିବାର ପ୍ରସ୍ତାବ ଇ.ଏସ୍.ଏମ୍.ଏଫ୍. ରେ ଅଛି। ପି.ସି.ଆର.ଏମ୍.ପି ର ସମ୍ଭାବନା ଖୋଜିବା ପ୍ରକ୍ରିୟା ଇ.ଏସ୍.ଏମ୍.ଏଫ୍ ରେ ସାମିଲ ଅଛି। ପରିବେଶ ସମ୍ବନ୍ଧିତ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ର ଓ ଜଙ୍ଗଲରେ ପରିଯୋଜନା ଗୁଡ଼ିକର ପରିଚାଳନା କରିବାର ଉପାୟ, ଇ.ଏସ୍.ଏମ୍.ଏଫ୍ ରେ ସାମିଲ ଅଛି। କୃଷି ପରିଯୋଜନାରେ କୀଟପତଙ୍ଗ ଓ ପୋଷକତତ୍ତ୍ୱ ର ପ୍ରବନ୍ଧନ କରିବାର ପଦ୍ଧତି ମଧ୍ୟ ଇ.ଏସ୍.ଏମ୍.ଏଫ୍ ରେ ସାମିଲ କରାଯାଇ ଅଛି। ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ସମ୍ବନ୍ଧୀୟ ପ୍ରଭାବ ଆକଳନ ପାଇଁ ଉପାୟ ସମ୍ବନ୍ଧରେ ମଧ୍ୟ ଇ.ଏସ୍.ଏମ୍.ଏଫ୍. ରେ ବନ୍ଦୋବସ୍ତ ଅଛି।

## ୬. ଉପ-ପରିଯୋଜନା ର ସାମାଜିକ ବର୍ଗୀକରଣ

ପ୍ରଭାବର ଗମ୍ଭୀରତାକୁ ଆଧାରକରି, ଇ.ଏସ୍.ଏମ୍.ଏଫ ରେ ଉପ-ପରିଯୋଜନା ର ତିନୋଟି ଶ୍ରେଣୀରେ ବର୍ଗୀକରଣ କରାଯାଇଅଛି ଯଥା ଇ.ଏସ୍.(କ), ଇ.ଏସ୍.(ଖ) ଏବଂ ଇ.ଏସ୍.(ଗ)। ଉଚିତ ଅଧିକାର ପାଇଁ ଛାଞ୍ଚ (ଏନଟାଇଟେଲମେଣ୍ଟ ମ୍ୟାଟ୍ରିକ୍ସ) ବିଭିନ୍ନ ପ୍ରଭାବୀ ଶ୍ରେଣୀ ପାଇଁ ସମାନ ଉପାୟ ପ୍ରଦାନ କରୁଅଛି ଯଥା ଭୂମି, ଆବାସୀୟ ସଂରଚନା, ବାଣିଜ୍ୟିକ ସଂରଚନା, ସାମୁଦାୟିକ ସମ୍ପତ୍ତି, ଜନସାଧାରଣଙ୍କ ଉପରେ ପ୍ରଭାବ, ପ୍ରଜା ଓ ପଟ୍ଟାଦାର, ଅନ୍ୟ ଜନସମୁଦାୟ, ଜୀବିକା ନିର୍ବାହ କରିଥିବା ଲୋକଙ୍କର କ୍ଷୟକ୍ଷତି, ସାମଜିକ ସ୍ତରରେ ନିକ୍ଷେପିତ ବ୍ୟକ୍ତିବିଶେଷ ଏବଂ ଅଜ୍ଞାତ ପ୍ରଭାବ ତଥା ଆର.ଏଫ୍.ସି.ଟି.ଏଲ.ଏ.ଆର.ଆର ଅଧିନିୟମ ୨୦୧୩ ଏବଂ ଓପି ୪.୧୨ ଅନୁସାରେ ହୋଇଛି। ବିଶ୍ୱ ବ୍ୟାଙ୍କର ଏବଂ ପୁନର୍ବାସ ଯୋଜନା ଅନ୍ତର୍ଗତ ଏ ସମସ୍ତ ବିଷୟରେ ପ୍ରସ୍ତୁତିର

ଆବଶ୍ୟକତା ଅଛି। ଆଜିବୀକାର ନଷ୍ଟ, ଗରୀବ ପରିବାର ଉପରେ ପ୍ରଭାବ ଅଥବା ଅଜଣା ପ୍ରଭାବ ଏବଂ ଆର.ଏଫ.ସି.ଟି.ଏଲ୍.ଏ.ଆର୍.ଆର୍ ଅଧିନିୟମ ୨୦୧୩ ଓ ଓପି ୪.୧୨ ଅନୁସାରେ ହୋଇଛି। ବିଶ୍ୱ ବ୍ୟାଙ୍କ ର ୧୨ ଓ ପୁର୍ନବାସ କାର୍ଯ୍ୟକାରୀ ଯୋଜନା (ଆର୍.ଏ.ପି) ର ପ୍ରସ୍ତୁତି ଆବଶ୍ୟକ ଅଟେ।

## ୭. ପୁନଃ ସ୍ଥାପନା ନୀତିର ଢାଞ୍ଚା

ପୁର୍ନବାସ ନୀତିରେ ଢାଞ୍ଚାର ପ୍ରମୂଖ ସିଦ୍ଧାନ୍ତ ହେଲା ସାମାଜିକ ପ୍ରବନ୍ଧନ ଏବଂ ଏହା ଢାଞ୍ଚାର ମୂଳ ଉଦ୍ଦେଶ୍ୟ। ଅନ୍ୟଭାବରେ କହିଲେ ପରିଯୋଜନା କାର୍ଯ୍ୟ ଦ୍ୱାରା ପ୍ରଭାବିତ ଲୋକଙ୍କ ଉପରେ ସାମାଜିକ ପ୍ରତିକୂଳ ପ୍ରଭାବ କମ୍ କରାଇବା। ଢାଞ୍ଚା ମଧ୍ୟ ଗୁରୁତ୍ୱ ବହନକରେ ଯେ ଯେଉଁଠାରେ ସମ୍ଭବ ଅଲଗା ଅଲଗା ବିକଳ୍ପକୁ ଖୋଜିବା ଏବଂ ଅନିଚ୍ଛାକୃତ ପୁର୍ନବାସର ରକ୍ଷା କରିବା କିମ୍ବା କମ୍ କରାଇବା। ଇ.ଏସ୍.ଏମ୍.ଏଫ୍ ଭାରତ ସରକାରଙ୍କ ଜମି ଅଧିଗ୍ରହଣ, ପୁର୍ନବାସ ଓ ପୁର୍ନବାସ (ଆର.ଟି.ଏଫ୍.ସି.ଟି.ଏଲ୍.ଆର୍.ଆର୍) ଅଧିନିୟମ ୨୦୧୩ ରେ ଭୂମି ଅଧିଗ୍ରହଣ ଓ ପାରଦର୍ଶିତା ପ୍ରକ୍ରିୟାରେ ନିରପେକ୍ଷ ଭାବେ କ୍ଷତିପୂରଣ ଇତ୍ୟାଦି ବିଷୟ ବର୍ଣ୍ଣିତ। ବିଶ୍ୱ ବ୍ୟାଙ୍କର ମୂଳ ଲକ୍ଷ ସାଧନ ହେଲେ ଆର୍ଥିକ ଓ ସାମାଜିକ ପ୍ରଭାବ ଗୁଡିକ ବ୍ୟାପକ ଶ୍ରେଣୀ ଗୁଡ଼ିକ କମ୍ ହୋଇଯିବ: *ଭୂମି ଓ ସମ୍ପତ୍ତିର କ୍ଷୟ *ଆଶ୍ରୟ କିମ୍ବା ଘର କିମ୍ବା ଭୂମିର କ୍ଷତି *ଜିବୀକାର ଆୟ କିମ୍ବା ସାଧନର ହାନି *ଉତ୍ପାଦକ ସଂସାଧନର କ୍ଷତି *ଆଶ୍ରୟ / ବାସଗୃହକୁ ପହଞ୍ଚୁଥିବାର କ୍ଷୟକ୍ଷତି *ସମୁଦାୟ ସମ୍ପତ୍ତି *ସାଧାରଣ ଜନସମ୍ପତ୍ତି ଓ ଅନ୍ୟ ଲୋକଙ୍କର ଉପରେ ସାମଗ୍ରିକ ରୂପେ ପଡୁଥିବା ପ୍ରଭାବର କ୍ଷୟକ୍ଷତି ଇତ୍ୟାଦି ।

## ୮. ସଂସ୍ଥାଗତ ଢାଞ୍ଚା

ପରିବେଶ ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ର ଉପକୂଳ ପରିଚାଳନର ଏଜେନ୍ସି ସୋସାଇଟି ଅଫ କୋଷ୍ଟାଲ ମ୍ୟାନେଜମେଣ୍ଟ ଅଟେ। ଏହା ଏନ୍‌କୋର ର ରାଷ୍ଟ୍ରୀୟ ପରିଯୋଜନାର ପରିଚାଳକ (ଏନ୍.ପି.ଏମ୍.ୟୁ.) ଅଟେ। ପତ୍ୟେକ ରାଜ୍ୟରେ ରାଜ୍ୟ ପରିଯୋଜନା ପରିଚାଳକ ହେବ, ଯାହାକି ଅଧିକାଂଶ ସ୍ଥାନରେ ପରିବେଶ ବିଭାଗ ହେବ। ବିଭିନ୍ନ ପରିଯୋଜନା ପାଇଁ ପ୍ରତ୍ୟେକ ରାଜ୍ୟରେ କାର୍ଯ୍ୟନିର୍ବାହୀ ସଂସ୍ଥା ରହିବେ। ତାହା ସରକାରୀ ବିଭାଗ, ନିଜର କିମ୍ବା ବେସରକାରୀ ସଙ୍ଗଠନ କିମ୍ବା ଗୋଷ୍ଠୀ ଭିତ୍ତିକ ସଙ୍ଗଠନ ହୋଇଥିବ। ଇ.ଏସ୍.ଏମ୍.ଏଫ ର କାର୍ଯ୍ୟ ଗୁଡ଼ିକର ସମନ୍ୱୟ ଓ ନଜର ରଖିବା ପାଇଁ ଆବଶ୍ୟକ ଯୋଗ୍ୟତା ଓ ଅନୁଭବ ସହିତ ସମର୍ପିତ ପରିବେଶ ଓ ସାମାଜିକ ବିଶେଷଜ୍ଞ ଏବଂ ଲିଙ୍ଗଗତ ବିଶେଷଜ୍ଞ ହେବା ଦରକାର। ଇ.ଏସ୍.ଏମ୍.ଏଫ. ଏଥିପାଇଁ ସଂସ୍ଥାଗତ ବ୍ୟବସ୍ଥା ମଧ୍ୟ ପ୍ରସ୍ତୁତ କରେ।

## ୯. ଉପ-ପରିଯୋଜନା ପ୍ରସ୍ତୁତି

ଇ.ଏସ୍.ଏ ଏବଂ ଇ.ଏମ୍.ପି ଏବଂ ଆର୍.ଏସ୍.ପି ର ଅଣବୈଷୟିକ ସାରାଂଶ (ଇଂରାଜି ଓ ହିନ୍ଦୀ ରେ) ସହିତ ଅନ୍ତିମ ସଂସ୍କରଣ ସମ୍ବନ୍ଧିତ ବିଭାଗ ମାନଙ୍କରେ/ମନ୍ତ୍ରଣାଳୟର ୱେବ୍‌ସାଇଟ୍ ରେ ଉପସ୍ଥାପନା କରାଯିବ ଓ ଆଞ୍ଚଳିକ ଲୋକଙ୍କ

ପାଇଁ ସୁଲଭ ସ୍ଥାନରେ ଉପଲବ୍ଧ କରାଯିବ। ପରିବେଶ ସମ୍ପର୍କିତ ଓ ସାମାଜିକ ସୁରକ୍ଷା ପାଇଁ ଉପ-ପରିଯୋଜନା ସ୍ୱୀକୃତି ନିମ୍ନଲିଖିତ ପଦ୍ଧତିରେ ଅନୁମୋଦନ ପ୍ରକ୍ରିୟା ପାଇଁ ଯୋଜନା କରାଯିବ:

(i). ଉପରୋକ୍ତ ପରିଯୋଜନା ଗୁଡ଼ିକୁ ପରିବେଶ ସମ୍ପର୍କିତ ଓ ସାମାଜିକ ପ୍ରଭାବ ପାଇଁ ଇ.ଏସ୍.ଏମ୍.ଏଫ୍ ଦ୍ୱାରା ସହମତ ନୀତି ଓ ପ୍ରକ୍ରିୟା ଅନୁସାରେ ରାଜ୍ୟ ସ୍ତରର ସଂସ୍ଥା (ଏସ୍.ପ.ଏମ୍.ୟୁ) ଓ ପରିଯୋଜନା ଓ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା (ପି.ଇ.ଏ) ଦ୍ୱାରା ଯାଞ୍ଚ କରାଯିବ ଓ ସେହି ଅନୁସାରେ ପରିଯୋଜନା ରେ ପରିବେଶ ଓ ସାମାଜିକବର୍ଗଙ୍କୁ ନିର୍ଦ୍ଧାରିତ ଏସ୍.ପି.ଏମ୍.ୟୁ ଦ୍ୱାରା କରାଯିବ (ଇ.ଏସ୍.ଏମ୍.ଏଫ୍ ଦ୍ୱାରା ସ୍ଥାପିତ ମାନଦଣ୍ଡ ଅନୁସାରେ)।

(ii). ଏହା ବ୍ୟତୀତ ପ୍ରତ୍ୟେକ ଉପ-ପରିଯୋଜନା ପାଇଁ ଇ.ଏମ୍.ପି ଏବଂ ଆର.ଏ.ପି ତିଆରି କରାଯିବ। ସମୀକ୍ଷା ପରେ ଉପ-ପରିଯୋଜନା ର ଡ୍ରାଫ୍ଟ ରିପୋଟ୍ ଏବଂ ଇ.ଏ ଶ୍ରେଣୀର ପରିବେଶ ସମ୍ପର୍କିତ ପ୍ରଭାବ ସମ୍ଭାବ୍ୟତା ରିପୋର୍ଟ ଏସ୍.ପି.ଏମ୍.ୟୁ ଦ୍ୱାରା ବିଶ୍ୱ ବ୍ୟାଙ୍କର ସମୀକ୍ଷା ଓ ମଞ୍ଜୁରୀ ପାଇଁ ପ୍ରସ୍ତୁତ କରାଯିବ। ଏହାର ଉପଯୋଗ ରାଷ୍ଟ୍ରୀୟ ନିୟମ ଆଧାରରେ ଉନ୍ମୋଚନ ମଧ୍ୟ କରାଯିବ।

(iii). ପ୍ରତ୍ୟେକ ରାଜ୍ୟରେ ରାଜ୍ୟସ୍ତରୀୟ ସଂସ୍ଥା (ଏସ୍.ପି.ଏମ୍.ୟୁ) ଓ ପରିଯୋଜନା ପ୍ରକଳ୍ପ କାର୍ଯ୍ୟକାରୀ ଏଜେନ୍ସି (ପି.ଇ.ଏ) ଦ୍ୱାରା ଉପ-ପରିଯୋଜନା ଲାଗୁ କରାଯିବ। ପି.ଇ.ଏ ଦ୍ୱାରା ଇ.ଏସ୍.ଏମ୍.ଏଫ୍ ର ଅନୁସାରେ ସମସ୍ତ ଉପ-ପରିଯୋଜନା ପାଇଁ ପରିବେଶ ସମ୍ପର୍କୀତ ଓ ସାମାଜିକ ସୁରକ୍ଷା ଉପାୟ କାର୍ଯ୍ୟକ୍ରମକୁ ଯାଞ୍ଚ କରିବେ। ଏସ.ପି.ଏମ୍.ୟୁ ମାସିକ ବିବରଣୀ ପ୍ରସ୍ତୁତ କରିବାପାଇଁ ପି.ଇ.ଏ ଓ ଅନ୍ୟ ସଂସ୍ଥା ମାନଙ୍କ ସହିତ ସମନ୍ୱୟ ରକ୍ଷା କରିବ।

(iv). ଉପ-ପରିଯୋଜନା ସ୍ଥାନ ଗୁଡିକର କ୍ଷେତ୍ର ପରିଦର୍ଶନ ଆଧାରରେ ଏସ୍.ପି.ଏମ୍.ୟୁ ଓ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା ପରିବେଶ ସମ୍ପର୍କିତ ଓ ସାମାଜିକ ଅନୁପାଳନ ମାଧ୍ୟମରେ ଏନ୍.ପି.ଏମ୍.ୟୁ ଦ୍ୱାରା ପରିବେଶ ଓ ସାମାଜିକ ପଦେକ୍ଷପର ଯାଞ୍ଚ କରାଯିବ।

(v). ଇ.ଏମ୍.ପି, ଆର.ଏ.ପି/ ଇ.ଆର.ପି. ବାର୍ଷିକ ହିସାବର ସମୀକ୍ଷା ସ୍ୱତନ୍ତ୍ର ସଂସ୍ଥା ଦ୍ୱାରା କରାଯିବ ଓ ସମୀକ୍ଷାର ସୁପାରିଶ ଅନୁଯାୟୀ ଉପ-ପରିଯୋଜନା ଓ ପରିଯୋଜନାରେ ତାହା ଲାଗୁ କରାଯିବ।

## ୧୦. ଶିକ୍ଷାଗତ ଓ କ୍ଷମତା ନିର୍ମାଣ

ଏନ୍‌କୋର ପରିଯୋଜନା ରେ ପରିବେଶଜନିତ ଓ ସାମାଜିକ ସୁରକ୍ଷା ଉପାୟ ଓ ଉପ-ପରିଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ବୈଷୟିକ ଉପାୟରେ ଉପରେ ହିତାଧିକାରୀ (ଏନ୍.ପି.ଏମ୍.ୟୁ, ଅର୍ଥ ବିଭାଗ, ଜନସମୁଦାୟ, ଠିକାଦାର, ଶ୍ରମିକ) ଙ୍କର କ୍ଷମତା ବୃଦ୍ଧି କରିବାର ଯୋଜନା ଅଛି। ପରିଚାୟାତ୍ମକ ପରିଦର୍ଶନ, ରାଷ୍ଟ୍ରୀୟ ଓ ଅନ୍ତରାଷ୍ଟ୍ରୀୟ ପ୍ରଶିକ୍ଷଣ ପାଠ୍ୟକ୍ରମ ଓ ସେମିନାର / କାର୍ଯ୍ୟଶାଳାରେ ଭାଗିଦାରୀ ମାଧ୍ୟମରେ କର୍ମଚାରୀ ଓ ପରିବେଶ ସମ୍ପର୍କିତ ଓ ସାମାଜିକ ବିଶେଷଜ୍ଞଙ୍କର କ୍ଷମତା ବୃଦ୍ଧି କରିବାର ପ୍ରସ୍ତାବ ଅଛି। ଭାଗିଦାରୀଙ୍କ ସହ ପରାମର୍ଶ ଓ ପ୍ରକାଶନ ଇ.ଏସ୍.ଏମ୍.ଏଫ୍ ର ତିଆରି ପାଇଁ ରାଷ୍ଟ୍ରୀୟ, ରାଜ୍ୟ, ଜିଲ୍ଲା ସ୍ତରରେ ବିଭିନ୍ନ ପରାମର୍ଶର ପ୍ରବନ୍ଧ କରାଯାଇଛି। ଉପ-

ପରିଯୋଜନା ଗୁଡ଼ିକର ଇ.ଆଇ.ଏ.  ରେ ପ୍ରସ୍ତାବ ପରାମର୍ଶରେ କ୍ଷେତ୍ର ସର୍ବେକ୍ଷଣ କୈନ୍ଦ୍ରିକ ସମୁହ ଚର୍ଚ୍ଚା (ଏଫ୍.ଜି.ଡି) ଓ ହିତାଧିକାରୀଙ୍କ ବୈଠକ ସାମିଲ ଅଛି। ରାଷ୍ଟ୍ରୀୟ ଓ ବ୍ୟାଙ୍କ ଦିଶାନିର୍ଦ୍ଦେଶକ ଙ୍କ ଅନୁସାରେ ପରାମର୍ଶ ଓ ପ୍ରକାଶନ ପ୍ରକ୍ରିୟା ପାଳନ କରାଯିବ।

## ୧୧. ଇ.ଏସ୍.ଏମ. ଏଫ ର ପ୍ରଦର୍ଶନ

ଏନ୍.ପି.ଏମ୍.ୟୁ ତାର ୱେବସାଇଟ୍ ରେ ଇ.ଏସ୍.ଏମ୍.ଏଫ ର ପ୍ରଦର୍ଶନ ଜୁନ, ୨୦୧୯ ରେ କରିଥିଲେ (ହିନ୍ଦୀ ଅନୁବାଦ ସହିତ) ଏବଂ ସାଧାରଣ ଜନତାଙ୍କ ସାର୍ବଜନୀନ ନୋଟିସ ମାଧ୍ୟମରେ ଏହାର ଅଧିସୂଚନା କରାଯାଇଥିଲା। ବିଶ୍ୱ ବ୍ୟାଙ୍କରେ ଚିଠା, ଇଏସ୍.ଏମ୍.ଏଫ୍ ର ପ୍ରଦର୍ଶନ ୧ ଅଗଷ୍ଟ, ୨୦୧୯ ରେ ହୋଇଥିଲା। ହିତାଧିକାରୀଙ୍କର ଟିପ୍ପଣୀ ଓ ପରାମର୍ଶକୁ ସାମିଲ କରିବାପରେ ଅନ୍ତିମ ବିବରଣୀ, ଏନ୍.ପି.ଏମ.ୟୁ, ଏସ୍. ପି.ଏମ୍.ୟୁ, ଏବଂ ବିଶ୍ୱ ବ୍ୟାଙ୍କ ଦ୍ୱାରା ପୁର୍ନବାର ପ୍ରଦର୍ଶନ କରାଯିବ।